## ସଂକ୍ଷେପରେ

### ଟ୍ରକ୍ କ୍ୟାବିନ ଜଳିଗଲା

ବଡ଼ବିଲ, ୧୧।୬(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ ଅଞ୍ଚଳରେ ଏକ ଟ୍ରକ୍‌ରେ ନିଆଁ ଲାଗି ସମ୍ମୁଖ ଭାଗ କ୍ୟାବିନ ଜଳିଯାଇଥିବାବେଳେ ଚାଳକ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୮ଟା ବେଳେ ଏହି ଅଘଟଣ ଘଟିଥିବା ଜଣାପଡିଛି। ବଡ଼ବିଲ ନୂଆ ବସଷ୍ଟାଣ୍ଡ ନିକଟସ୍ଥ ରାସ୍ତାରେ ଛିଡା ହୋଇଥିବା ଟ୍ରକ୍‌ରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ଟ୍ରକର କ୍ୟାବିନ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଅଗ୍ନିକାଣ୍ଡର ଠିକ କାରଣ ଜଣାପଡି ନ ଥିଲାବେଳେ ଶଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଇଛି।

### ଓଡ଼ିଶା ହ୍ୱିଲ ଚେୟାର କ୍ରିକେଟ ଆସୋସିଏଶନର ସଭାପତିଙ୍କୁ ସମ୍ବର୍ଦ୍ଧନା

ପାଟଣା, ୧୧।୬(ସ୍ୱ. ପ୍ର.): ଓଡ଼ିଶା ହ୍ୱିଲ ଚେୟାର କ୍ରିକେଟ ଆସୋସିଏଶନ ସଭାପତି ଭାବେ କେନ୍ଦୁଝର ଜିଲା ସାହାରପଡା ବ୍ଲକ କପୁଣ୍ଡି ଗ୍ରାମର ଜଣାଶୁଣା ବରିଷ୍ଠ ଆଇନଜୀବୀ ରାହାସ ବିହାରୀ ପୃଷ୍ଟି ମନୋନୀତ ହୋଇଥିବାରୁ ମଙ୍ଗଳବାର ପାଟଣା ପ୍ରେସ କ୍ଲବ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କାରାଯାଇଛି। ସେ ପାଟଣା ପ୍ରେସ କ୍ଲବର ଉପଦେଷ୍ଟା ରହିଥିବା ବେଳେ ଜିଲା ପ୍ରେସ କ୍ଲବର ଉପସଭାପତି ରହିଛନ୍ତି। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥିଭାବେ ପାଟଣା ପ୍ରେସ କ୍ଲବର ସଭାପତି ମହେଶ୍ୱର ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଉପସଭାପତି ରଞ୍ଜନ କୁମାର ବାରିକ, ସମ୍ପାଦକ ବିଜୟରତ୍ନ ପତି , ସହସମ୍ପାଦକ କାମିନିକାନ୍ତ ଦ୍ୱିବେଦି , ଖବରଦାତା କଳ୍ପତରୁ କର, ସଞ୍ଜୟ କୁମାର ପଲେଇ, ବିଜୟ କୁମାର ମହାନ୍ତ, ଚିରଞ୍ଜିବ ଦାଶ ପ୍ରମୁଖ ସାମିଲ ହୋଇଥିଲେ।

### ସର୍ପବିଶାରଦ ଖୋକା ସାର୍‌ଙ୍କ ପରଲୋକ

ଆନନ୍ଦପୁର,୧୧।୬(ସ୍ୱ.ପ୍ର.)-ଆନନ୍ଦପୁରର ବିଶିଷ୍ଟ ସର୍ପବିଷାରଦ, ଶିକ୍ଷାବିତ୍, ପରିବେଶବିତ୍ ତଥା ଯାଦୁକର ଖୋକା ସାର୍ ଓରଫ୍ ସୁବାଷ ଚନ୍ଦ୍ର ସିଂହଙ୍କର ଶନିବାର ମଧ୍ୟାହ୍ନରେ ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟଜନିତ ରୋଗରେ ପିଡିତ ହୋଇ ସେ ଘରେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ସମଗ୍ର ଆନନ୍ଦପୁରରେ ଶୋକର ଛାୟା ଖେଳିଯାଇଛି। ସାପ ଧରିବାର କୌଶଳ



ଠାରୁ ଆରମ୍ଭ କରି ସାପକୁ ଖେଳାଇବା ଓ ସାପ ଦଂଶନ କଲେ ବିଷ ଝଡାଇ ମୃତ୍ୟୁମୁଖରୁ ଜୀବନ ବଞ୍ଚାଇ ସେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଏଭଳି ମହାନତା ପାଇଁ ସେ ରାଷ୍ଟ୍ରପତି ପୁରସ୍କାର, ରାଜ୍ୟପାଳ ପୁରସ୍କାର ହାସଲ କରିବା ସହିତ ପ୍ରକୃତି ମିତ୍ର, ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ ହୋଇ ତାଙ୍କର କୀର୍ତ୍ତି ସ୍ଥାପନ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରା ମାଧମରେ ନିଆଯାଇ ପବିତ୍ର ବୈତରଣୀ ନଦୀ ତଟରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା।

### ଯୁବକ ନିଖୋଜ

ଭଦ୍ରକ ଅଫିସ, ୧୧।୬-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହି ଥାନା ଅଧୀନ ବାଲିମୁଣ୍ଡା ଗ୍ରାମର ହେମନ୍ତ ହାଜିରା (୩୨) ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ, ହେମନ୍ତ ଟେଷ୍ଟ କାମ କରିବା ପାଇଁ କଟକ ଫୁଲନଖରା ଯାଇଥିଲେ। ଗତ ମେ' ୨ରେ ସେଠାରୁ ସେ କେଉଁଆଡ଼େ ଚାଲିଯାଇଛନ୍ତି। ବହୁ ଖୋଜାଖୋଜି ପରେ କୌଣସି ଖବର ନ ମିଳିବାରୁ ତାଙ୍କ ମା' ଗୀତାରାଣୀ ହାଜରା ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ଚଳନ୍ତା ଟ୍ରାକ୍ଟରରୁ ପଡି ଶିଶୁ ମୃତ

ପାଟଣା,୧୧।୬(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ବାଇଦ ବାଜା ଗ୍ରାମବଡ଼ ସାହିର ଜଣେ ୨ ବର୍ଷ ଶିଶୁପୁତ୍ର ଟ୍ରାକ୍ଟରରୁ ପଡିବା ପରେ ଶନିବାର ଚିକିତ୍ସାଧୀନ ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ରାଜୁ ମୁଣ୍ଡାଙ୍କ ପୁଅ ପିଣ୍ଟୁ। ସୂଚନା ଅନୁଯାୟୀ, ଟ୍ରାକ୍ଟର ଚାଳକ ପିଣ୍ଟୁଙ୍କୁ ନେଇ ମଡ଼ଗାର୍ଡ ଉପରେ ବସାଇ ଗାଡ଼ି ଚଳାଇବାରୁ ସେ ଖସି ପଡ଼ିଥିଲେ। ଏନେଇ ଘଟଗାଁ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା (ନଂ.୧୧୫/୨୨) ରୁଜୁ କରାଯାଇଛି। ଜିଲା ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସମ୍ପୃକ୍ତ ଟ୍ରାକ୍ଟର ଚାଳକ ଫେରାର ଥିବା ସୂଚନା ମିଳିଛି।

# ଜାତୀୟ ରାଜପଥରେ ଗୃହପାଳିତ ପ୍ରାଣୀଙ୍କ ଅବାଧ ବିଚରଣ

ବାରିପଦା ଅଫିସ, ୧୧।୬

ସଡ଼କ ଦୁର୍ଘଟଣାକୁ ଏଡାଇବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି। ମାତ୍ର ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥାର ଅବହେଳା ଓ ବିଳମ୍ବ କାରଣରୁ ପ୍ରତିଦିନ ଦୁର୍ଘଟଣାରେ ଜୀବନହାନି ଘଟୁଛି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଆବଶ୍ୟକ ବ୍ୟବସ୍ଥା ସହିତ ଉଚିତ୍ ପଦକ୍ଷେପ ଗ୍ରହଣ କରା ନ ଗଲେ ସ୍ଥାନୀୟ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ମୟୂରଭଞ୍ଜ ଜିଲାବାସୀଙ୍କର ଦୀର୍ଘଦିନର ଦାବି ପରେ ୧୮ନଂ. ଜାତୀୟ ରାଜପଥ ଝାରପୋଖରିଆ–ନହରପାଟଣା ଦୋହରୀକରଣ ପ୍ରକ୍ରିୟା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବର୍ଷେରୁ ଉର୍ଦ୍ଧ୍ୱ କାଳ ୨ଟି ଟୋଲଗେଟରେ ଶୁଳ୍କ ଆଦାୟ ଆରମ୍ଭ ହୋଇଥିବା ବେଳେ ଆଇରନ ଟ୍ରାଇଏଙ୍ଗଲ ଠିକା ସଂସ୍ଥା ପକ୍ଷରୁ ହେଉଥିବା ୮୯କି.ମି. ରାସ୍ତା ନିର୍ମାଣ କାର୍ଯ୍ୟରେ ୮୧କି.ମି.ରୁ ଉର୍ଦ୍ଧ୍ୱ ରାଜପଥର କାର୍ଯ୍ୟ ଶେଷ ହୋଇଛି। ବିଭିନ୍ନ ସ୍ଥାନରେ ଗଳାପୋଲ ବା ଅଣ୍ଡରପାସ୍ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ବାରିପଦା ଟାଉନ ବାଇପାସ୍ ୭କି.ମି. ରାସ୍ତାରେ ୨–୨ଟି ଗଳାପୋଲ, ବାରିପଦାର ପାଲବଣି, ତଖତପୁର, ଦାରଗାଡ଼ାହି ଓ ମୁର୍ଗାବାଡ଼ିଠାରେ ଫ୍ଲାଏଓଭର କାର୍ଯ୍ୟ ଶେଷ ହେବାକୁ ଯାଉଛି। ତେବେ ନିର୍ମାଣକାରୀ ସଂସ୍ଥା ଗୋଟିଏ ସ୍ଥାନରେ ପୂର୍ଣ୍ଣାଙ୍ଗ କାର୍ଯ୍ୟ ନ ସାରି ସ୍ଥାନେ ସ୍ଥାନେ ସୀମିତ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ କରୁଥିବାରୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଛି ବୋଲି ଅଞ୍ଚଳର ଦୀପକ ମହାନ୍ତ, ରାଜେଶ ନାଏକ ଓ ଶିବପ୍ରସାଦ ମହାନ୍ତ ପ୍ରକାଶ କରିଛନ୍ତି। ରାସ୍ତା ଦୋହରୀକରଣ କାର୍ଯ୍ୟରେ ଯାନବାହନ, ଜନସାଧାରଣ ଓ ଗୃହପାଳିତ ତଥା ବୁଲା ପ୍ରାଣୀଙ୍କ ସୁରକ୍ଷା ପ୍ରତି ରାଜପଥ କର୍ତ୍ତୃପକ୍ଷ ଆଖି ବୁଜିଦେଇଥିବାରୁ ପ୍ରତ୍ୟହ ଦୁର୍ଘଟଣା ବୃଦ୍ଧି ପାଉଛି। ଜାତୀୟ ରାଜପଥ ଦୋହରିକରଣ କାର୍ଯ୍ୟ ପରେ



ଯାନବାହନଗୁଡିକ ଦ୍ରୁତଗତିରେ ଯାତାୟାତ କରୁଥିବା ବେଳେ ଗୋରୁମାନେ ଅବାଧରେ ରାସ୍ତା ପାର୍ ହେଉଛନ୍ତି।

ଯିବା ଓ ଆସିବା ପାଇଁ ପୃଥକ ପ୍ରଶସ୍ତ ରାସ୍ତା ନିର୍ମାଣ ପରେ ଦ୍ରୁତ ଓ ଭାରିଯାନ ଚଳପ୍ରଚଳ ବୃଦ୍ଧି ପାଇଛି । ୮୯କି.ମି. ରାସ୍ତାର ଡିଭାଇଡ଼ର ଓ ଉଭୟ ପାର୍ଶ୍ୱରେ ଆଲୁମିନିୟମ ବ୍ୟାରିକେଡ ନିର୍ମାଣ ହୋଇ ନ ଥିବାରୁ ଗୃହପାଳିତ ଓ ବୁଲା ପ୍ରାଣୀଙ୍କର ଜାତୀୟ ରାଜପଥରେ ଅବାଧ ବିଚରଣ ପାଇଁ ଦୁର୍ଘଟଣା ବୃଦ୍ଧିର କାରଣ ସାଜିଛି ବୋଲି ରାଗଧା ଅଞ୍ଚଳର ନୀଳାମ୍ବର ପାତ୍ର, ସୁଦର୍ଶନ ନାଏକ ଓ ବ୍ରଜକିଶୋର ପାତ୍ର ପ୍ରକାଶ କରିଛନ୍ତି। ଏହି ୮୯କି.ମି. ରାସ୍ତାରେ ବାଲେଶ୍ୱର ନହରପାଟଣାଠାରୁ ଝାରପୋଖରିଆ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ରେମୁଣା, ବେତନଟୀ, ମୋରଡ଼ା, ବାରିପଦା ସଦର, କୁଳିଅଣା, ବାଙ୍ଗିରିପୋଷି ଓ ସାରସକଣାକୁ ମିଶାଇ ୭ଟି ବ୍ଲକର ୬୦ରୁ ଉର୍ଦ୍ଧ୍ୱ ରାଜସ୍ୱ ଗ୍ରାମ ରହିଛି। ସେହିପରି ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ଚଳପ୍ରଚଳ କରୁଥିବା ରାସ୍ତାଗୁଡିକ ଖାଲଖମାରେ ଭର୍ତ୍ତି ହୋଇଛି।

## ଡିଭାଇଡରରେ ବ୍ୟାରିକେଡ୍ ନାହିଁ

ଫଳରେ ବର୍ଷାଦିନେ ଅଧିକ ଦୁର୍ଘଟଣା ଘଟିବ ବୋଲି ଅନୁମାନ କରାଯାଇଛି। ଗୋଟିଏପଟେ ସଡ଼କ ଦୁର୍ଘଟଣା କମାଇବା ପାଇଁ ସରକାର ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଉଥିବା ବେଳେ ଜାତୀୟ ରାଜପଥ ଦୋହରୀକରଣ କାର୍ଯ୍ୟରେ ଗୁରୁତ୍ୱ ଦିଆଯିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ଅଞ୍ଚଳବାସୀ ଦାବି କରୁଛନ୍ତି । ଅପରପକ୍ଷରେ ରାସ୍ତା ମଝିରେ ବୃକ୍ଷରୋପଣ କାର୍ଯ୍ୟକୁ ହାଲୁକା ଭାବରେ ନିର୍ମାଣ ସଂସ୍ଥା ନେଉଥିବାରୁ ରାତି ସମୟରେ ଉଭୟପଟୁ ଯାନବାହନଗୁଡିକର ଆଲୋକ ଚାଳକଙ୍କ ପାଇଁ ବିପଦ ସାଜିଛି। ଭାରତ ସରକାରଙ୍କ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ନିର୍ମାଣକାରୀ ସଂସ୍ଥାକୁ ଏହି ସମସ୍ୟା ଦୂର ପାଇଁ ତୁରନ୍ତ ନିର୍ଦ୍ଦେଶ ଦେବାକୁ ଦାବି ହେଉଛି ।

## ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସମ୍ମିଳନୀ

ଜଳେଶ୍ୱର, ୧୧।୬(ଡି.ଏନ.ଏ.)

ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମୋଦି ସରକାରଙ୍କ ୨ୟ ପାଳିର ୩ବର୍ଷ ପୂର୍ତ୍ତି ଅବସରରେ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ଲାଗି ବିଭିନ୍ନ ଯୋଜନା ସମ୍ପର୍କରେ ହିତାଧିକାରୀମାନଙ୍କୁ ସଚେତନ କରାଇବା ଏହାର ଲକ୍ଷ୍ୟ ବୋଲି କୁହାଯାଇଛି। ବାଲେଶ୍ୱର ଜିଲା ଜଳେଶ୍ୱର ସହର ୧୦ନଂ. ୱାର୍ଡ ଶାନ୍ତିଆସ୍ଥିତ ନେପାଳ ଜେନାଙ୍କ ବାସଭବନ ଓ ୮ନଂ. ୱାର୍ଡ ପଞ୍ଚୁଘଣ୍ଟାଠାରେ ଉକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ଜଗନ୍ନାଥ ଗୋଛାୟତ, ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ବରିଷ୍ଠ ନେତା ଅରୁଣ ବେଜ, ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ, ଏମ୍‌ପି ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଯୁବ ସଭାପତି ରବୀନ୍ଦ୍ର ପାତ୍ର, ଗଦାଧର ସିଂ, ମଲ୍ଲି ସରେନ୍, ଦେବଯାନୀ ଅଣ୍ଡିଆ, ସତ୍ୟବ୍ରତ ପଣ୍ଡା, ରଞ୍ଜନ ପାତ୍ର, ସୁମତୀ ରଣା, ଜିତେନ୍ଦ୍ର ନାଗ, ଚାନ୍ଦିନୀ ଜେନା ଓ ଅରୁଣ ଦାଶ ପ୍ରମୁଖ ବହୁ କର୍ମୀ ଯୋଗ ଦେଇଥିଲେ।

# ଗାୟତ୍ରୀ ଶକ୍ତିପୀଠରେ ବୃକ୍ଷଗଙ୍ଗା ଅଭିଯାନ

ଭଦ୍ରକ ଅଫିସ,୧୧।୬

ଭଦ୍ରକ ଜିଲା ଗାୟତ୍ରୀ ଶକ୍ତିପୀଠ, ଶାନ୍ତି ଧାମ, ଜଳଙ୍ଗାଠାରେ ଶୁକ୍ରବାର ବୃକ୍ଷଗଙ୍ଗା ଅଭିଯାନ କରାଯାଇଥିଲା। ଗାୟତ୍ରୀ ଜୟନ୍ତୀ ଅବସରରେ ମା' ଗାୟତ୍ରୀଙ୍କ ପୂଜାର୍ଚ୍ଚନା ସହ ସହସ୍ରାଧିକ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ବୃକ୍ଷ ଆମକୁ ଖାଦ୍ୟ, ବସ୍ତ୍ର ଓ ବାସସ୍ଥାନ ଯୋଗାଇଥାଏ। ଏଣୁ ଗଛ ଲଗାଇବା ଜରୁରୀ ବୋଲି ପ୍ରବକ୍ତାମାନେ ମତବ୍ୟକ୍ତ କରିଥିଲେ। ଭଦ୍ରକ ଜିଲା ଗାୟତ୍ରୀ ପରିବାରର ସଂଯୋଜକ ପ୍ରଦୀପ ନାୟକ ସ୍ୱାଗତ ଭାଷଣ ଓ ଶକ୍ତିପୀଠର ବ୍ୟବସ୍ଥାପକ ପ୍ରକାଶ ରଞ୍ଜନ ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିଥି ଭାବେ ଗେଲଟୁଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ସରୋଜ କୁମାର ଦାସ ଓ ସମିତିସଭ୍ୟ ମନୋଜ କୁମାର ବାରିକ ଯୋଗ ଦେଇଥିଲେ। ବୃକ୍ଷ ବିନା ସୃଷ୍ଟି ଅସମ୍ଭବ ବିଷୟ ଉପରେ ଗାୟତ୍ରୀ ପରିବାରର ପରିଜନ କେଦାରନାଥ ମହାପାତ୍ର ଓ ଆଲୋକ ରଞ୍ଜନ ମୁଖାର୍ଜୀ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଗଛକୁ ସଂରକ୍ଷଣ କରିବା ଉଦ୍ଦେଶ୍ୟରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ଚାରାରୋପଣ କରାଯାଇଥିଲା। ଶିକ୍ଷାବିତ୍ ଆନନ୍ଦ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ଅଭିଯାନରେ ସାମିଲ ହୋଇଥିବା ଗାୟତ୍ରୀ ପରିବାର ସଦସ୍ୟମାନେ।

## ଜମି ବିବାଦରୁ ମାର୍‌ପିଟ, ୨ଗିରଫ

ଭଣ୍ଡାରିପୋଖରୀ,୧୧।୬

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ବାଲିପୋଖରୀ ପଞ୍ଚାୟତ କୋରକରା ଗ୍ରାମରେ ଶୁକ୍ରବାର ଜମି ବିବାଦରୁ ମାର୍‌ପିଟ ଘଟିଛି। ଏଥିରେ ୭ଜଣ ଆହତ ହୋଇଛନ୍ତି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଗ୍ରାମର ଶରତ ସାହୁ ଓ ଗୟାଧର ସାହୁ। ସୂଚନା ଅନୁଯାୟୀ, ଗ୍ରାମର ମହେଶ୍ୱର ସାହୁ ରୋଷେଇ ଘର ନିର୍ମାଣ ପାଇଁ ମାଟି ଖୋଳୁଥିବା ବେଳେ ଅପରପକ୍ଷ ଏହାକୁ ବିରୋଧ କରିବାରୁ ଗଣ୍ଡଗୋଳ ହୋଇଥିଲା। ଏଥିରେ ମହେଶ୍ୱରଙ୍କ ସମେତ ଉଭୟ ପକ୍ଷର ୭ ଜଣ ଆହତ ହୋଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଦୁଇଜଣଙ୍କୁ ଗିରଫ କରିଛି।

## ଜମି ଜବରଦଖଲକୁ ନେଇ ଗଣ୍ଡଗୋଳ: ୨ ଗିରଫ

ଯୋଡ଼ା/ଝୁମ୍ପୁରା,୧୧।୬(ଡି.ଏନ.ଏ.): କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ନଇବୁଗା ଠାରେ ଏକ ଠିକା ସଂସ୍ଥା ରାସ୍ତା ନିର୍ମାଣରେ ସ୍ଥାନୀୟ ଅଞ୍ଚଳ ବାସୀଙ୍କ ଜମି ଜବରଦଖଲ ଘଟଣାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଥିଲା। ଶନିବାର ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଧିରେନ ନାଏକ, ଓ ଶଙ୍କର୍ଷଣ ମହାନ୍ତ। ଏ ନେଇ ପୋଲିସ ଏକ ମାମଲା (ନଂ. ୯୫/୨୨) ରୁଜୁ କରି ତଦନ୍ତ ଜାରି ରଖିଥିବା ଆଇଆଇସି ମନୋରଞ୍ଜନ ବିଶି କହିଛନ୍ତି ।ସୂଚନା ଅନୁଯାୟୀ, ଗୁରୁବାର ନଇବୁଗାଠାରେ ଏକ ସ୍ଥାନୀୟ କମ୍ପାନୀର ଠିକା ସଂସ୍ଥା ପକ୍ଷରୁ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଥିଲା। ତେବେ ଉକ୍ତ ରାସ୍ତାରେ କେତେକ ସ୍ଥାନୀୟ ଲୋକଙ୍କ ପଟ୍ଟା ଜମିରେ ହେଉଥିବା ଅଭିଯୋଗ କରି ଜମିମାଲିକ ମାନେ ଏହାକୁ ବିରୋଧ କରିଥିଲେ। ତେବେ ଏ ନେଇ ଠିକା ସଂସ୍ଥା ପକ୍ଷରୁ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

## ଭାଜପା ଯୁବମୋର୍ଚ୍ଚା ଜିଲା କମିଟି ଗଠିତ



ଗଠିତ ହୋଇଥିବା ନୂତନ ଜିଲା କମିଟିର ସଦସ୍ୟମାନେ।

ଭଦ୍ରକ ଅଫିସ,୧୧।୬

ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ଏବଂ ଜିଲା ସଭାପତି ହେମନ୍ତ କୁମାର ପାଢ଼ୀଙ୍କ ଅନୁମୋଦନ କ୍ରମେ ଭାଜପା ଯୁବମୋର୍ଚ୍ଚାର ଭଦ୍ରକ ଜିଲା କମିଟି ଶୁକ୍ରବାର ଘୋଷଣା ହୋଇଛି। ଯୁବମୋର୍ଚ୍ଚାର ସଙ୍ଗଠନକୁ ସୁଦୃଢ଼ କରିବା ସହ ଦଳକୁ ତୃଣମୂଳସ୍ତରରୁ ମଜଭୁତ କରିବା ପାଇଁ ଏହି କମିଟି ଗଠନ କରାଯାଇଥିବା ଜିଲା ସଭାପତି ଦେବାଂଶୁ ରାଉତ କହିଛନ୍ତି। ନବଗଠିତ କମିଟିରେ ଗୀତିକା ମହାପାତ୍ର, ସଚିନ ଆଚାର୍ଯ୍ୟ, କାହ୍ନୁ ଶତପଥୀ, ଜିତେନ୍ଦ୍ର ନାୟକ ୪ଜଣ ଉପସଭାପତି, ସନ୍ଦୀପ କୁମାର ନାୟକ ଓ ସୁଶାନ୍ତ ସେଠୀ ଦୁଇଜଣ ସାଧାରଣ ସମ୍ପାଦକ, ତପନ କୁମାର ପାତ୍ର, ଅନିଲ ଘଡ଼େଇ, ଲରେନ୍ସ ବେହେରା, କିଶୋର ସ୍ୱାଇଁ, ସ୍ମୃତିରଞ୍ଜନ ନାୟକ, ସତ୍ୟରଞ୍ଜନ ମିଶ୍ର ୬ଜଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିପରି ସୌମ୍ୟ ରଞ୍ଜନ ସାହୁ କୋଷାଧକ୍ଷ ଭାବେ ମନୋନୀତ ହୋଇଥିବା ବେଳେ ୨୦ଜଣଙ୍କୁ ଜିଲା କାର୍ଯ୍ୟକାରିଣୀ କମିଟି ସଦସ୍ୟ, ବିଭିନ୍ନ ବିଭାଗ ସଂଯୋଜକ ଭାବେ ୧୮ ଓ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ୧୧ଜଣଙ୍କୁ କମିଟିରେ ସ୍ଥାନ ଦିଆଯାଇଛି। ଗଣମାଧ୍ୟମ ସଂଯୋଜକ ଭାବେ ରିତେଶ ତ୍ରିପାଠୀଙ୍କୁ ଚୟନ କରାଯାଇଛି।

# ଜମି ଦଲାଲ କୋର୍ଟ ଚାଲାଣ

ଲଙ୍ଗଳେଶ୍ୱର, ୧୧।୬(ଡି.ଏନ.ଏ.)

## ସରକାରୀ ଜମିକୁ ନିଜ ନାମରେ କରି ବିକ୍ରି ମାମଲା

ବାଲିଆପାଳ ଅଞ୍ଚଳ ଦୀର୍ଘବର୍ଷ ଧରି ଜମିଦଲାଲଙ୍କ ଭୂସ୍ୱର୍ଗ ପାଲଟିଯାଇଛି। ଦଲାଲ୍‌ମାନେ ସରକାରୀ ଜମିକୁ ପଟ୍ଟା କରି ସ୍ଥାନୀୟ ଲୋକଙ୍କୁ ଠକେଇ କରି ବ୍ୟବସାୟ ଚଳାଇ ଆସୁଥିଲେ। ୨୦୧୨ରେ ଏଭଳି ଏକ ଘଟଣା ନଜରକୁ ଆସିବା ପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଜଣେ ଜମି ଦଲାଲଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଖଗଡାପାଳ ମୌଜାର ଏକ ଗୋଚର ଜମିକୁ କଣ୍ଡିହା ଗ୍ରାମର ଦୟାନିଧି ମହାପାତ୍ର ଖାଲଡହା ଗ୍ରାମର ଜଣେ ମହିଳା ଅର୍ପିତା ପ୍ରଧାନଙ୍କୁ ଅଧିକ ଦାମ୍‌ରେ ବିକ୍ରି କରିଥିଲେ । ଏହି ଦୁର୍ନୀତି ତତ୍କାଳୀନ ତହସିଲଦାର ପ୍ରତାପ ଚନ୍ଦ୍ର ବେଉରିଆଙ୍କ ଦୃଷ୍ଟିକୁ ଆସିବା ପରେ ସେ ଏହା ବିରୋଧରେ ଆଇନର ଆଶ୍ରୟ ନେଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ୨ଜଣ ଆରଆଇ ଗିରଫ ହୋଇଥିଲା ବେଳେ ତହସିଲଦାର ଏବଂ ଅନ୍ୟ କିଛି କର୍ମଚାରୀଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ପରେ ଉକ୍ତ ଜମି ପୁଣି ସରକାରୀ ଖାତାକୁ ଫେରିଆସିଥିଲା। ଜମି କିଣି ଠକାମିର ଶିକାର ହୋଇଥିବା ଅର୍ପିତା ସେହିଦିନଠାର ନିଜ ଟଙ୍କା ଫେରସ୍ତ ପାଇଁ ଦୟାନିଧିଙ୍କୁ ଗୋଡାଇ ବିଫଳ ହେବା ପରେ ବାଲିଆପାଳ ଥାନା ଏବଂ ବାଲେଶ୍ୱର କୋର୍ଟରେ ଅଭିଯୋଗ କରିଥିଲେ। ଏନେଇ ଦୟାନିଧି ମହାପାତ୍ରଙ୍କ ବିରୋଧରେ ବାଲିଆପାଳ ଥାନାରେ ମାମଲା(ନଂ. ୩୧/୨୧), କୋର୍ଟରେ ମାମଲା (ନଂ. ୬୧୭/୨୧) ଏବଂ ବାଲେଶ୍ୱର ଜିଲାପାଳଙ୍କ ନାମରେ ମାମଲା (ନଂ.୧୪୮୦/୨୧) ରୁଜୁ କରିଥିଲେ। ଆଇଆଇସି ପର୍ଶୁରାମ ସାହୁ ଏହି ଘଟଣାକୁ ଗୁରୁତର ସହ ନେଇ ଅଭିଯୁକ୍ତ ଦୟାନିଧିଙ୍କୁ ଗିରଫ କରି କୋର୍ଟଚାଲଣ କରିଛନ୍ତି। ଉଲ୍ଲେଖଯୋଗ୍ୟ ଅଭିଯୁକ୍ତ ଦୟାନିଧିଙ୍କ ନାମରେ ଏକାଧିକ ମାମଲା ରହିଛି। ଏଭଳି ଏକ ସଙ୍ଗୀନ ମାମଲାରେ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇ ଦାବି ହୋଇଛି।

## ବୀରପାଲିଆରେ ବିଜେଡିର ମିଶ୍ରଣ ପର୍ବ



ମିଶ୍ରଣପର୍ବରେ ବିଜେଡି ନେତା ଓ କର୍ମୀ।

ଲଙ୍ଗଳେଶ୍ୱର, ୧୧।୬(ଡି.ଏନ.ଏ.)

ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଉଳା ପଞ୍ଚାୟତ ବୀରପାଲିଆ ଗ୍ରାମରେ ବିଜୁ ଜନତା ଦଳର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆଙ୍କ ନେତୃତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଅଧିର କୁମାର ପାତ୍ର, ଅନନ୍ତ କୁମାର ବିଶ୍ୱାଳ, ମୃତ୍ୟୁଞ୍ଜୟ ନାୟକ, ଅନନ୍ତ କୁମାର ଗିରି, ସୁଶୀଲ କୁମାର ପ୍ରଧାନ, ଦୁଃଖୀଶ୍ୟାମ ଦାସ, ରାମକୃଷ୍ଣ ଜେନା, ସନ୍ତୋଷ କୁମାର ଜେନା, ସରୋଜ କୁମାର ସାହୁ, ଦୀପକ କୁମାର ପଣ୍ଡିତ, ଗୟାରାମ ଦାସ, ଲକ୍ଷ୍ମୀଧର ପାତ୍ର ପ୍ରମୁଖ ବିଜେଡି ନେତାମାନେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ । ଏହି ଅବସରରେ ଦେଉଳା ପଞ୍ଚାୟତର ଅନ୍ୟ ଦଳର କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

# ୪୦କି.ଗ୍ରା. ଗଞ୍ଜେଇ ଜବତ: ୩ ଗିରଫ

ବାଲେଶ୍ୱର ଅଫିସ, ୧୧।୬

ବାଲେଶ୍ୱର ଅବକାରୀ ବିଭାଗ ଓ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ଶନିବାର ରେମୁଣା ବାମପଦା ଓ ଖନ୍ତାପଡା ବସଷ୍ଟାଣ୍ଡରେ ଚଢ଼ାଉ କରାଯାଇ ୪୦କି.ଗ୍ରା. ଗଞ୍ଜେଇ ଜବତ କରାଯିବା ସହିତ ୩ଜଣଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଅଶୋକ କୁମାର ଶତପଥୀ କହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବାପି ଭଟ୍ଟାଚାର୍ଯ୍ୟ, ଶୁକଦେବ ଦାସ, ପରେନ୍ଦ୍ର ପାଲ। ଏମାନେ ସମସ୍ତେ ଓଡ଼ିଶାରୁ ଗଞ୍ଜେଇ ନେଇ ପଶ୍ଚିମବଙ୍ଗ ଚୋରାଚାଲାଣ କରି ଚଢାଦରରେ ବ୍ୟବସାୟ କରିଥାନ୍ତେ। ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ଏହି ଘଟଣାରେ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେନେଇ ଅଧିକ ତଦନ୍ତ ଜାରି ରହିଛି।



ଅଧିକାରୀଙ୍କ ସହ ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

# ଘୋଷଣାରେ ଅଟକିଛି କାନ୍ତକବି ସ୍ମାରକୀ ପ୍ରକଳ୍ପ

ଭଦ୍ରକ ଅଫିସ, ୧୧।୬

କାନ୍ତକବି ସ୍ମାରକୀ ପ୍ରକଳ୍ପ ଦୁଇବର୍ଷ ହେଲା ପ୍ରତିଶ୍ରୁତିରେ ଅଟକି ରହିଛି। ରାଜ୍ୟ ସଂସ୍କୃତି ବିଭାଗ ଏହି ପ୍ରକଳ୍ପ ପାଇଁ ୧.୫ କୋଟି ଟଙ୍କା ବ୍ୟୟ କରିବ ବୋଲି ଘୋଷଣା କରିବାର ଦୁଇବର୍ଷ ବିତିଯାଇଛି। ହେଲେ ଏପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଏନେଇ ଭଦ୍ରକ ସହର ଭାଗବତ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ଅପରାହ୍ନରେ କାନ୍ତକବି ମଞ୍ଚ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅସନ୍ତୋଷ ପ୍ରକାଶ କରାଯାଇଛି। ମଞ୍ଚର ରାଜ୍ୟ ସଂଯୋଜକ ଲକ୍ଷ୍ମୀଧର ବିଶ୍ୱାଳ, ପ୍ରାଧ୍ୟାପିକା ଡ. ରାଧାରାଣୀ ମହାପାତ୍ର, ସାମାଜିକ କର୍ମୀ ପ୍ରକାଶ ସ୍ୱାଇଁ, ସୋନାଲି କିନ୍ନର, ସୁଧୀର ଦ୍ୱିବେଦୀ ପ୍ରମୁଖ ସ୍ମାରକୀ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ




ଖବରଦାତା ସମ୍ମିଳନୀରେ କାନ୍ତକବି ମଞ୍ଚର ସଦସ୍ୟମାନେ।

କରା ନ ଗଲେ ଆସନ୍ତା ଜୁଲାଇ ୨୦ରୁ ଭଦ୍ରକ ମୁଖ୍ୟାଳୟ ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ପ୍ରକାଶଥାଉକି, ୨୦୨୦ରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କାଳଜୟୀ ରଚନା ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତ ମାନ୍ୟତା ମିଳିଥିଲା। ୨୦୨୦ ଜୁନ୍ ୧୧ରେ କାନ୍ତକବିଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଏକ ସ୍ମାରକୀ ନିର୍ମାଣ ଲାଗି ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। ଏହାପରେ ସେହିଦିନ ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଚାନ୍ଦବାଲି

## ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେଲେ ଆନ୍ଦୋଳନ ଚେତାବନୀ

ବିଧାୟକ ବ୍ୟୋମକେଶ ରାୟ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସଂସ୍କୃତି ସଚିବ, ପର୍ଯ୍ୟଟନ ବିଭାଗ ସଚିବ ପ୍ରମୁଖଙ୍କ ଉପସ୍ଥିତିରେ ଭୁବନେଶ୍ୱରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକର ନିଷ୍ପତିକୁ ପ୍ରେସ୍ ନୋଟ୍ ମାଧମରେ ସରକାରୀ ଭାବେ ଗଣମାଧ୍ୟମକୁ ପ୍ରଦାନ କରାଯାଇଥିଲା। ୧.୫ କୋଟି ଟଙ୍କା ବ୍ୟୟରେ କାନ୍ତକବିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ସହ ସ୍ମାରକୀ ପ୍ରକଳ୍ପରେ ନାଟ୍ୟ ମଣ୍ଡପ, ଲାଇବ୍ରେରୀ, ପାର୍କ ଆଦି ପ୍ରତିଷ୍ଠା ହେବ ବୋଲି କୁହାଯାଇଥିଲା।

## ସଂକ୍ଷେପରେ

### ବ୍ୟବସାୟୀଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍

କାଳିଆପାଣି,୧୧।୬(ଡି.ଏନ.ଏ.): ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ ଦିନକୁ ଦିନ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏଠାରେ ଦିନ ଦ୍ୱିପ୍ରହରରେ ଲୁଟ୍, ରାହାଜାନୀ ଓ ଡାକୟତି ଘଟଣା ନିତି ଦିନିଆ ହୋଇପଡ଼ିଛି। ଇତିମଧ୍ୟରେ ଏକାଧିକ ଚୋରି, ଅପହରଣ, ପକେଟମାର ଘଟଣା ଘଟିଥିବା ବେଳେ ଶନିବାର ଦିନ ଦ୍ୱିପ୍ରହରରେ ୪ଜଣ ମାଛ ବେପାରୀଙ୍କଠାରୁ ପ୍ରାୟ ୪୦ ହଜାର ଟଙ୍କା ଲୁଟ୍ ହୋଇଛି, ଯାହାକୁ ନେଇ ଅଞ୍ଚଳରେ କକୁଆ ଭୟ ସୃଷ୍ଟି ହୋଇଛି। ପ୍ରତି ଶନିବାର ଖଣି ଅଞ୍ଚଳରେ ହେଉଥିବା ସାପ୍ତାହିକ ହାଟକୁ ସୁକିନ୍ଦା ବ୍ଲକ କନ୍ତିରା ଗ୍ରାମରୁ ମାଛ ବିକ୍ରି ପାଇଁ ବେପାରୀମାନେ ଆସନ୍ତି। ତେବେ ୪ ଜଣ ବେପାରୀ ମାଛ ବେପାର ସାରି ଘରକୁ ଫେରୁଥିବା ବେଳେ କାଳିଆପାଣି ଥାନା ଅଧୀନ ଢାବା ଛକରୁ କଲରଙ୍ଗୀ ଗ୍ରାମ ମଝିରେ ଥିବା ବୁଦୁବୁଦିଆ ଜଙ୍ଗଲ ନିକଟରେ ୪ ଦୁର୍ବୃତ୍ତ ୨ଟି ପଲସରରେ ଆସି ସେମାନଙ୍କୁ ଅଟକାଇଥିଲେ। ଏହାପରେ ପଛରେ ବସିଥିବା ୨ ଦୁର୍ବୃତ୍ତ ବେପାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ଛଡ଼ାଇ ଥିଲେ। ବେପାରୀମାନେ ବିରୋଧ କରିବାରୁ ଦୁର୍ବୃତ୍ତ ସେମାନଙ୍କୁ ଭୁଜାଲିରେ ହାଣିବା ସହ ଟଙ୍କା ଛଡ଼ାଇ ସେଠାରୁ ଚମ୍ପଟ ମାରିଥିଲେ। ଖବର ପାଇ କାଳିଆପାଣି ଥାନା ଅଧିକାରୀ ସୁଶାନ୍ତ ଦାସ ଘଟଣାସ୍ଥଳରେ ପହଞ୍ଚି କ୍ଷତାକ୍ତ ବେପାରୀଙ୍କୁ ଉଦ୍ଧାର କରି ସୁକିନ୍ଦା ଡାକ୍ତର ଖାନା ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସେହିପରି ସେହି ହାଟରୁ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କଠାରୁ ପକେଟମାର ହୋଇଥିବା ଖବର ମିଳିଛି। ଲୁଟ୍ ଘଟଣା ଦିନ ବେଳା ଘଟିଥିବାରୁ ଅପରାଧୀମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରିଥିବା ସାଧାରଣରେ ଆଲୋଚନା ହେଉଛି।

### ସୁଶାସନ ଦିବସ

ଧାମନଗର,୧୧।୬ (ସ୍ୱ.ପ୍ର./ ଡି.ଏନ.ଏ.): ଭଦ୍ରକ ଜିଲା ଧାମନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଡ଼ିପଦା ପଞ୍ଚାୟତର ଦକ୍ଷିଣକରୁଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୮ବର୍ଷ ଶାସନ ପୂର୍ତ୍ତି ପରିପ୍ରେକ୍ଷୀରେ ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ସୁଶାସନ ଦିବସ ପାଳିତ ହୋଇଯାଇଛି। ଜିଲା ସଭାପତି ପ୍ରମୋଦ କୁମାର ସୁତାରଙ୍କ ଅଧକ୍ଷତାରେ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ। ସରକାରୀ ଯୋଜନାରୁ ଯେପରି କେହି ଜଣେ ବି ଦଳିତ ଲୋକ ବଞ୍ଚିତ ନ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଥିଲା। ଲକ୍ଷ୍ମୀଧର ପାଣିଗ୍ରାହୀ, ବିଶ୍ୱନାଥ ଦାସ, ଅନିଲ ଘଡ଼େଇ, ଶ୍ୟାମସୁନ୍ଦର ସାହୁ, କାଳନ୍ଦୀ ପୃଷ୍ଟି, ମହେଶ୍ୱର ପତି, ରଞ୍ଜିତ ସାହୁ, ବୁବୁନ ଦାସ, ବାମଦେବ ଜେନା, ତରଣୀ ସୂତାର, ଜଗନ୍ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଜଳିଗଲା ୨ ଦୋକାନ

ଛତିଆ,୧୧।୬(ଡି.ଏନ.ଏ.): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବୈରୀ ପଞ୍ଚାୟତର ଦୁର୍ଗା ବଜାରରେ ଶୁକ୍ରବାର ରାତିରେ ନିଆଁ ଲାଗିଛି। ଏଥିରେ କୁନି ଦେଈଙ୍କ ଜଳଖିଆ ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଛି। ଦୋକାନରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯିବା ସହ ଏକ ଗ୍ୟାସ ଟାଙ୍କି ଫାଟି ଦୁଇ ଫାଳ ହୋଇଯାଇଛି। ସେହିପରି ମତି ସିଂଙ୍କ କ୍ୟାବିନରେ ନିଆଁ ଲାଗିବା ଦେଖି ସ୍ଥାନୀୟ କେତେଜଣ ଯୁବକ ହୋହଲ୍ଲା କରିଥିଲେ। ଖବର ପାଇ ଓସିଏଲ୍ ଓ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶନିବାର ବୈରୀ ସରପଞ୍ଚ ଓ ସମିତିସଭ୍ୟା ଘଟଣାସ୍ଥଳରେ ପହଞ୍ଚିବା ସହ ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ବୈରୀ ରାଜସ୍ୱ ନିରୀକ୍ଷକଙ୍କ ସହ ଆଲୋଚନା କରିଛନ୍ତି।

# ବଜାରରେ ଦେଶୀ ଆମ୍ବର ପସରା

- ମିଳୁନି ପ୍ରୋତ୍ସାହନ
- ଶୀତଳୀକରଣ ବ୍ୟବସ୍ଥା ନାହିଁ

କେନ୍ଦୁଝର, ୧୧।୬ (ସ୍ୱ.ପ୍ର)

ଜଙ୍ଗଲ ମଣିଷକୁ ବଞ୍ଚିବା ପାଇଁ ସବୁ କିଛି ଦେଇଛି । ଖାଦ୍ୟ ପାଇଁ ବିଭିନ୍ନ ଋତୁରେ ବିଭିନ୍ନ ପ୍ରକାରର ଫଳମୂଳ ଆଦି ଜଙ୍ଗଲରୁ ମିଳିଥାଏ। ସେଥିମଧ୍ୟରୁ ଆମ୍ବ ଅନ୍ୟତମ। ତାହା ପୁଣି ଦେଶୀ। ଏହି ଆମ୍ବର ଚାହିଦା ସମସ୍ତଙ୍କଠୁ ଅଧିକ। ଏବଂ ଏହାର ସ୍ୱାଦ ମଧ ଭାରି ମିଠା। କିନ୍ତୁ ଆଜି ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁ ଏବଂ ଅସନ୍ତୁଳନ ପରିବେଶ ଯୋଗୁ ଏବେ କମ୍ ଫଳ ଫଳୁଛି। ଏଥିଲାଗି ସ୍ଥାନୀୟ ବନବାସୀ ଚିନ୍ତାରେ। କାରଣ ସେମାନେ ଏହି ଆମ୍ବ ବିକି ନିଜର ଗୁଜରାଣ ମେଣ୍ଟାଇଥାନ୍ତି। ଗ୍ରୀଷ୍ମ ଋତୁରେ ସ୍ଥାନୀୟ ଆମ୍ବ, (ଯାହାକି ସୁଡି ଆମ୍ବ କୁହାଯାଏ) ତାଙ୍କର ଜୀବିକଜୀବିକା ହୋଇଛି। ଜଙ୍ଗଲ କ୍ଷୟ ସହିତ ଜଳବାୟୁରେ ପରିବର୍ତ୍ତନ ଯୋଗୁଁ ଆଗଭଳି ଆମ୍ବ ସେମାନେ ପାଇପାରୁ ନାହାନ୍ତି। ତଥାପି ଯାହା କିଛି ମିଳିଥାଏ ସେସବୁ ସଂଗ୍ରହ କରି ହାଟବଜାରରେ ବିକି ଚଳୁଛନ୍ତି।

ବିଭିନ୍ନ ପ୍ରକାରର କଲମୀ ମିଠା ଆମ୍ବର ପ୍ରଚଳନ ଯୋଗୁ ଲୋକାଲ ଆମ୍ବର ଚାହିଦା କମୁଛି ତଥାପି ଏହି ଆମ୍ବର ଚାହିଦା ରହିଛି। ବହୁ ଦୂରରୁ ଚାଲି ଚାଲି ବା ଗାଡିରେ ଆମ୍ବ ଓ ଅନ୍ୟାନ୍ୟ ଫଳ ବୋଝ ମୁଣ୍ଡାଇ ଆସି ହାଟ ବଜାରରେ ବା ରାସ୍ତାକଡରେ ଯେଉଁ କିଛି ପସରା ମେଲାଇ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବସି ରହୁ ଥିଲେ ହେଁ ତାହାର ଉପଯୁକ୍ତ ଦର ପାଇପାରୁନାହାନ୍ତି। ଅନେକ ସମୟରେ ବେପାରୀ ମାନଙ୍କ ଦ୍ୱାରା ଦର ଓ ଓଜନରେ ଠକେଇର ଶିକାର ହୋଇଥାନ୍ତି। ଆମ୍ବ ବା ଅନ୍ୟ ଫଳର ସଂରକ୍ଷଣ ପାଇଁ ଆଦିବାସୀ ଅଂଚଳରେ ଶୀତଳ ଭଣ୍ଡାର ନାହିଁ। ଫଳରେ ବହୁ ପରିମାଣ ରେ ପ୍ରତିଦିନ ଫଳ ନଷ୍ଟ ହେଉଛି। ତଥାପି ଏହି ଲୋକାଲ ଆମ୍ବକୁ ପ୍ରକ୍ରିୟାକରଣ କରାଯାଇ ପାରିଲେ ଏହାର ଖଟାମିଠା ସ୍ୱାଦ ଯୋଗୁ ଆମ୍ବ ସଢା, ଜେଲି


ରାସ୍ତାକଡରେ ବିକ୍ରି ପାଇଁ ଥିବା ଦେଶୀ ଆମ୍ବକୁ ଗ୍ରାହକ ଦେଖୁଛନ୍ତି।

ଆଦି ପ୍ରସ୍ତୁତ ହୋଇ ପାରନ୍ତା। ଏଭଳି ଗୋପାଳପୁର ଠାରେ ଘରୋଇ ଉଦ୍ୟମ ରେ ପ୍ରତିଷ୍ଠା ହୋଇଥିବା ବିଲାତି ଓଡିଶା ବନ୍ଦ ଯୋଗୁ ସୁଫଳ ମିଳନାହିଁ। ଏଣୁ ବନବାସୀ ମାନେ ନିଜ ଉଦ୍ୟମରେ ଆମ୍ବକୁ ଘୋଳ କରି ଖରାରେ ଶୁଖାଇ ଆମ୍ବ ସଢା ପ୍ରସ୍ତୁତ କରିଥାନ୍ତି। ଯାହାର ଚାହିଦା ଜିଲା ତଥା ଜିଲା ଓ ରାଜ୍ୟ ବାହାରେ ଅଧିକ ରହିଛି। ପ୍ରକୃତ ପକ୍ଷେ ଏହି ଋତୁରେ ଜିଲାର ସମସ୍ତ ବ୍ଲକର ହଜାର ହଜାର ବନବାସୀ ଆମ୍ବ ବିକି ଦୁଇ ପଇସା ରୋଜଗାର କରି ତେଲ ଲୁଣ କରିଚଳିଥାନ୍ତି ।

କିନ୍ତୁ ଉପଯୁକ୍ତ ତାଲିମ, ପ୍ରସ୍ତୁତି ବେଳେ ପରିଷ୍କାର ପରିଚ୍ଛନ୍ନତା ତଥା ସୁଦ୍ଧତା ଅବଲମ୍ବନ ହୋଇ ପାରୁନଥିବାରୁ ଏହାର ମୂଲ୍ୟ ମିଳୁନାହିଁ। ସେହିପରି ସାଇତି ରଖିବା ପାଇଁ ଶୀତଳ ଭଣ୍ଡାର ବ୍ୟବସ୍ଥା ନାହିଁ। ଏଣୁ ଅନେକ ସମୟରେ ସେସବୁ ଠିକ ସମୟରେ ବିକି ନ ପାରିଲେ ନଷ୍ଟ ହୋଇଯାଏ ବୋଲି ମତ ପ୍ରକାଶ ପାଉଛି ।

ବେଲପଶି ଆୟୁର୍ବେଦ ବିଶାରଦ ହରେକୃଷ୍ଣ ମହାନ୍ତ କହିଛନ୍ତି, ଦେଶୀ ଆମ୍ବର ସ୍ୱାଦ ନିଆରା ଏବଂ ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକର। ଆଜିକାଲି ଅସମୟରେ ଫଳୁ ଥିବା କଲମୀ ଆମ୍ବ ଆଦୌ ସ୍ୱାସ୍ଥ୍ୟପକ୍ଷେ ହିତକର ନୁହେଁ। ଦେଶୀ ଆମ୍ବ ଗଛ ପରିବେଶକୁ ଯେଉଁ ଭଳି ଶହ ଶହ ବର୍ଷ ଧରି ସୁରକ୍ଷା ଦେଇଥାଏ ସେଭଳି କ୍ଷେତ୍ରରେ କଲମୀ ଆମ୍ବ ଗଛ ସୁରକ୍ଷା ଦେଇପାରିବ ନାହିଁ। ଆଗଭଳି ଗଛ ନାହିଁ କିମ୍ବା ସବୁ ବର୍ଷ ଆମ୍ବ ଭଲ ଫଳୁ ନାହିଁ। ବହୁ କଷ୍ଟରେ ଖରାତରାରେ ଆସି ହାଟ ବଜାରରେ ବିକୁଛୁ କିନ୍ତୁ ପରିଶ୍ରମ ଅନୁଯାୟୀ ଅର୍ଥ ମିଳୁନି ବୋଲି ବନବାସୀ ସନାତନ ନାଏକ କହିଛନ୍ତି।

### ରୂପାନ୍ତରିତ ବିଦ୍ୟାଳୟ ପରିଦର୍ଶନ କଲେ ବ୍ଲକ ଅଧ୍ୟକ୍ଷା

ବିଞ୍ଝାରପୁର,୧୧।୬(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ୍‌ରେ ୫–ଟି ଅନ୍ତର୍ଭୁକ୍ତ ୧୯ଟି ଉଚ୍ଚ ବିଦ୍ୟାଳୟକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧମରେ ଉଦ୍‌ଘାଟନ କରିବା ପରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ ୧୨ଟି ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବ୍ଲକ୍‌ଅଧ୍ୟକ୍ଷା ଦାସ କଲ୍ୟାଣପୁରସ୍ଥିତ କନ୍ୟା ବିଦ୍ୟାଶ୍ରମ ବାଳିକା ଉଚ୍ଚ ବିଦ୍ୟାଳୟ, ତଳବନ୍ଧସ୍ଥିତ ତଳବନ୍ଧ ଉଚ୍ଚ ବିଦ୍ୟାଳୟ, ଆଉଁରୀସ୍ଥିତ ଜି.ସି.ଉଚ୍ଚ ବିଦ୍ୟାଳୟ, ଗୌଡ଼ସାହିସ୍ଥିତ ଧନେଶ୍ୱର ଉଚ୍ଚ ବିଦ୍ୟାଳୟ, ଓଳେଇ–ଚନ୍ଦନପୁରସ୍ଥିତ ଓଳେଇ ଚନ୍ଦନପୁର ଉଚ୍ଚ ବିଦ୍ୟାଳୟ, ତାଉଁତରାସ୍ଥିତ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, କପିଳାସ୍ଥିତ ଏସ୍‌ଜିସିଉଚ୍ଚ ବିଦ୍ୟାଳୟ, ଅରେଇସ୍ଥିତ ବରୁଣେଶ୍ୱର ଉଚ୍ଚ ବିଦ୍ୟାଳୟ ଓ ରଥାଁସ ଗୁହାଳିସ୍ଥିତ ଭାସ୍କର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଆଦି ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ଦାସ ବିଦ୍ୟାଳୟଗୁଡ଼ିକର ସ୍ମାର୍ଟ କ୍ଲାସ୍ ରୁମ, ବିଜ୍ଞାନ କ୍ଲାସ ରୁମ୍ ଓ ଶୌଚାଳୟ ଆଦି ବୁଲି ଦେଖିଥିଲେ।

# ଓମ୍ୱାଡସି ସିଇଓଙ୍କ ଦୁଇଦିନିଆ କେନ୍ଦୁଝର ଗସ୍ତ


ସିଇଓ ଜି. ରାଜେଶ ଓମ୍ୱାଡସି ଯୋଜନାରେ କରାଯାଇଥିବା ଚେକ୍‌ଡ୍ୟାମ୍‌କୁ ପରିଦର୍ଶନ କରୁଛନ୍ତି।

କେନ୍ଦୁଝର, ୧୧।୬(ଡି.ଏନ୍.ଏ.)

ଓଏମ୍‌ବିଏଡିସି (ଓଡ଼ିଶା ମିନେରାଲ ବିୟରିଂ ଏରିଆସ୍ ଡେଭଲପମେଣ୍ଟ କର୍ପୋରେଶନ) ସିଇଓ ଜି. ରାଜେଶ ଦୁଇଦିନିଆ କେନ୍ଦୁଝର ଗସ୍ତରେ ଆସି ଶୁକ୍ରବାର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବାୟୁ ପ୍ରଦୂଷଣ ଯାଞ୍ଚ କରିବାକୁ ଲାଗିଥିବା ସିଏକ୍ୟୁଏମ୍‌ଏସ୍ ପରିଦର୍ଶନ କରିଥିଲେ। ରାସ୍ତାରେ ଯାଉଥିବା ଲୋକଙ୍କୁ ଏହାର ଡିସପ୍ଲେ ବୋର୍ଡ ଦୃଶ୍ୟମାନ ହେଉ ନ ଥିବାରୁ ଡିସପ୍ଲେ ବୋର୍ଡ ଉଚ୍ଚତା ବଢାଇବାକୁ କହିଥିଲେ। ଏହାପରେ ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ହୋଇଥିବା ଶତବାର୍ଷିକୀ କୋଠା ଏବଂ ଷ୍ଟାଫ କ୍ୱାର୍ଟର୍ସ ପରିଦର୍ଶନ କରିଥିଲେ। ବାଂଶପାଳ ବ୍ଲକ ତଳଚମ୍ପେଇ ଠାରେ ହୋଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପରିଚାଳିତ ଗୋନାସିକା ହାଇସ୍କୁଲରେ ଓମ୍ୱାଡସି ଅର୍ଥରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ, ଷ୍ଟାଫ କ୍ୱାର୍ଟର୍ସ ଓ ଶ୍ରେଣୀ ଗୃହ ପରିଦର୍ଶନ କରିଥିଲେ। ଶନିବାର ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ବିଭାଗ ଦ୍ୱାରା ଯୋଡା ବ୍ଲକର ବିରିକଳା ପଞ୍ଚାୟତର ବଳିତା ଗ୍ରାମରେ ଓମ୍ୱାଡସି ଯୋଜନାରେ କରାଯାଇଥିବା ଚେକ୍‌ଡ୍ୟାମ୍ ମଧ ପରିଦର୍ଶନ କରିଥିଲେ। ଏହି କ୍ରମରେ ଉପସ୍ଥିତ ଥିବା ଚାଷୀମାନଙ୍କୁ ଚେକ୍‌ଡ୍ୟାମ୍‌ରେ ଗଚ୍ଛିତ ଥିବା ଜଳକୁ ଉପଯୋଗ କରି ଖରାଟିଆ ଫସଲ ଚାଷ କରିବା ପାଇଁ ପରାମର୍ଶ ଦେଇଥିଲେ। ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କୁ ଏଥିନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଗସ୍ତ ସମୟରେ ଜଳ ବିଭାଜିକା ନିର୍ଦ୍ଦେଶକ ସୁଶାନ୍ତ କୁମାର ମଲ୍ଲିକ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ବନମାଳି ପାତ୍ର ଏବଂ ପ୍ରକଳ୍ପ ସହଯୋଗୀ ପ୍ରଭାତ କୁମାର ସେଠୀ ଉପସ୍ଥିତ ଥିଲେ।

### ରାସ୍ତା କାମକୁ ବିରୋଧ କରି ଜୀବନ ଗଲା

ଚଣ୍ଡିଖୋଲ,୧୧।୬(ଡି.ଏନ.ଏ.)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଜନକଠାରୁ ନିଆଳି ପର୍ଯ୍ୟନ୍ତ ରାସ୍ତା କାମରେ ହେଉଥିବା ମନମାନିକୁ ବିରୋଧ କରି ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ରାସ୍ତା କାମ ସପକ୍ଷରେ ଆସି ୭/୮ ବ୍ୟକ୍ତି ଗାଳିଗୁଲଜ କରି ହତ୍ୟା ଧମକ ଦେବାରୁ ଏଭଳି ଅପ୍ରୀତିକର ଘଟଣା ଘଟିଛି। ମୃତକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବଡ଼ ବାଲିକୁଦା ଗ୍ରାମର ଦୁଃଶାସନ ଜେନା(୬୫)।

ସୂଚନା ଅନୁଯାୟୀ, ବଡ଼ଚଣା ବ୍ଲକ ତଥା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଜନକଠାରୁ ନିଆଳି ପର୍ଯ୍ୟନ୍ତ ୫ କିଲୋମିଟର ରାସ୍ତା କାର୍ଯ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଉଛି। ଏହି ରାସ୍ତାଟି କେଲୁଅ ନଦୀ ବନ୍ଧ ଭାବେ ପରିଚିତ। ଗତ ବର୍ଷ ଏହି ନଦୀ ବନ୍ଧ ଜଳ ସମ୍ପଦ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ପୂର୍ତ୍ତବିଭାଗ ପକ୍ଷରୁ ୮କୋଟି ଟଙ୍କା ବ୍ୟୟରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ନଦୀ ବନ୍ଧ କଡ଼ରେ ପକ୍କା କାନ୍ଥିନି ତିଆରି କରି ମାଟି ପକାଇବା ନିୟମ ଥିବା ବେଳେ ଠିକାଦାର କାନ୍ଥିନି ନ କରି ମାଟି ପକାଉଛନ୍ତି। ଫଳରେ ବନ୍ଧ ତଳେ ଘର କରି ରହି ଥିବା ଲୋକଙ୍କ ଘରେ ମାଟି ପଶୁଛି। ସେଥିପାଇଁ ୮ଦିନ ତଳେ ବଡ଼ ବାଲିକୁଦା ଗ୍ରାମ ନିକଟରେ କାମ କରୁଥିବା ଜେସିବି ମେଶିନକୁ ଗ୍ରାମବାସୀ ବନ୍ଦ କରିଥିଲେ। ଶନିବାର ପୁନର୍ବାର ମେଶିନ କାମ କରିବାରୁ ଦୁଃଶାସନ ଯାଇ ଏହାର ପ୍ରତିବାଦ କରିଥିଲେ। ଏହି ସମୟରେ ୭/୮ଜଣ ବ୍ୟକ୍ତି ସେଠାରେ ପହଞ୍ଚି ଦୁଃଶାସନଙ୍କ ସହ ଝଗଡ଼ା କରି କାମ ଅଟକାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସ୍ଥାନୀୟ ଲୋକ ବାଲିଚନ୍ଦ୍ରପୁର ପୋଲିସକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ତେବେ ପୋଲିସ ଉପସ୍ଥିତିରେ ସମ୍ପୃକ୍ତମାନେ ପୁନର୍ବାର ଗାଳି ଗୁଲଜ କରିବା ସମୟରେ ଦୁଃଶାସନ ସେଠାରେ ଟଳି ପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏନେଇ ନଂ.୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

# ସୟଦପୁର ବିଜେଡିରେ ଗୋଷ୍ଠୀ ସଂଘର୍ଷ

ବିଞ୍ଝାରପୁର,୧୧।୬(ଡି.ଏନ୍.ଏ.)

ପୂର୍ବ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ବିଞ୍ଝାରପୁର ଥାନା ଅଧୀନ ସୟଦପୁର ପଞ୍ଚାୟତର ୨ ବିଜେଡି ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ୨ଜଣ ଆହତ ହୋଇଛନ୍ତି। ତେବେ ଉଭୟ ଗୋଷ୍ଠୀଙ୍କ ଅଭିଯୋଗ କ୍ରମେ ପୋଲିସ ୩ଟି ମାମଲା ରୁଜୁ କରିବାସହ ଉଭୟ ଗୋଷ୍ଠୀର ୩ଜଣଙ୍କୁ ଗିରଫକରି ଶନିବାର କୋର୍ଟଚାଲାଣ କରିଛି। ଅନ୍ୟ ୨ଜଣଙ୍କୁ ଅଟକ ରଖାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସଂଖ୍ୟାଲଘୁ ସେଲ୍ ସଭାପତି ମୋଜାହିଦ ଅଲ୍ଲି ଖାନ୍, ସିରାଜ ଅଲ୍ଲି ଖାନ୍ ଓ ସିରାଜ ଖାନ୍। ଅଟକ ଅଭିଯୁକ୍ତ ହେଲେ ସଲ୍‌ମନ ଖାନ୍, ଟିଙ୍କିନା ଖାନ୍। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗିରହିଛି।

ଅଭିଯୋଗ ଅନୁଯାୟୀ, ବିଞ୍ଝାରପୁର ବିଧାୟିକା ତଥା ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ସୟଦପୁର ପଞ୍ଚାୟତର ସଂଖ୍ୟାଲଘୁ ଭାଇମାନେ ସମ୍ବର୍ଦ୍ଧନା ଦେବାକୁ ହୋସେନିଆ ମଦ୍ରାସା ନିକଟକୁ ଯାଉଥିଲେ। ତେବେ ଏହି ସମୟରେ ହୋସେନିଆ ମଦ୍ରାସା ନିକଟରେ ବିଜେଡିର ଉଭୟ ଗୋଷ୍ଠୀ ପିଟାପିଟି ହୋଇଥିଲେ। ସଂଘର୍ଷରେ ୨ଜଣ ଆହତ ହୋଇଥିଲେ। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ କରିଥିଲା। ଏହି ଘଟଣାରେ ସୟଦପୁର ସରପଞ୍ଚ ସେକ୍ ମହମ୍ମଦ ସବିର ୪ ଜଣଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲାବେଳେ ଅପରପକ୍ଷର ସିରାଜ ଅଲ୍ଲି ଖାନ ୬ ଜଣଙ୍କ ନାମରେ ଓ ସିରାଜ ଖାନ ୯ ଜଣଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ୩ଟି ଅଭିଯୋଗକୁ କେନ୍ଦ୍ରକରି ପୋଲିସ ନଂ.୩୮୯/୨୨, ୩୯୦/୨୨ ଓ ୩୯୧/୨୨ରେ ୧୯ ଜଣଙ୍କ ନାମରେ ପୃଥକ୍ ଭାବେ ମାମଲା ରୁଜୁ କରିଛି।

# ୧୬ରେ ବାଲେଶ୍ୱର ବନ୍ଦକୁ ସମର୍ଥନ


ବୈଠକରେ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା।

ବାଲେଶ୍ୱର ଅଫିସ, ୧୧।୬

ଜିଲାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ବିଭିନ୍ନ ଗଣସଙ୍ଗଠନ ଓ ରାଜନୈତିକ ଦଳ ପକ୍ଷରୁ ଆସନ୍ତା ୧୬ତାରିଖରେ ଗୁରୁବାର ୧୨ଘଣ୍ଟିଆ ବାଲେଶ୍ୱର ବନ୍ଦ ଆହ୍ୱାନକୁ ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟି ବୈଠକରେ ସମର୍ଥନ କରାଯାଇଛି। କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଶନିବାର ଜିଲା କମିଟି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଏହି ସମର୍ଥନ ଘୋଷଣା କରାଯାଇଛି। ସରକାରୀ ମେଡିକାଲ୍ କଲେଜ ପ୍ରତିଷ୍ଠା ହେବା ପରେ ମଧ ଜିଲାର ସ୍ୱାସ୍ଥ୍ୟସେବାରେ କୌଣସି ଉନ୍ନତି ଆସୁନାହିଁ। ତେଣୁ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ଜିଲାବାସୀଙ୍କ ସ୍ୱାର୍ଥରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସହ ସ୍ୱାସ୍ଥ୍ୟସେବାରେ ଚରମ ଅବହେଳାକୁ ମଧ ସାମିଲ କରିବାକୁ କେତେକ ସଦସ୍ୟ ମତ ଦେଇଛନ୍ତି।

ବୈଠକରେ କମିଟି ସଭାନେତ୍ରୀ ମମତା ମହାପାତ୍ର, ସାଧାରଣ ସମ୍ପାଦକ ପ୍ରଦୀପ ଦାସଙ୍କ ସମେତ ନିରଞ୍ଜନ ରାଉତ, ପ୍ରଭାକର ସାହୁ, ଯଶୋଦାନନ୍ଦନ ଆସ, ପ୍ରଫୁଲ୍ଲ ଦାସ, ସୀତାରାମ ପ୍ରଧାନ, କ୍ଷିତିଶ୍ୱର ଦାସ, ବିଭୂତି ମହାପାତ୍ର, ଯୋଗେନ୍ଦ୍ର ମାହାର୍ଣ୍ଣା, ଯୋଗେଶ ଚନ୍ଦ୍ର ପ୍ରଧାନ, ଅକ୍ଷୟ ତ୍ରିପାଠୀ, ଡା. ତାରାକାନ୍ତ ନନ୍ଦ, ଗୌରାଙ୍ଗ ପାଣିଗ୍ରାହୀ, ରମେଶ ଚନ୍ଦ୍ର ଜେନା, ଶ୍ୟାମସୁନ୍ଦର ଜେନା, ଶଚୀନ୍ଦ୍ର ଦାସ ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେକ୍‌କରିମ୍‌ଉଦ୍ଦିନ୍‌ଧନ୍ୟବାଦ ଦେଇଥିଲେ।

# ପ୍ରାର୍ଥିପତ୍ର ଯାଞ୍ଚରେ ଅନିୟମିତତା ଅଭିଯୋଗ: ଅଧିକାରୀ ଅଟକ

ବାହାନଗା,୧୧।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ସେବା ସମବାୟ ସମିତି ନିର୍ବାଚନ ନିମନ୍ତେ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିଥିଲେ । ଦାଖଲ ପରେ ଶନିବାର ଥିଲା ନାମାଙ୍କନପତ୍ର ଯାଞ୍ଚ । ଯାଞ୍ଚରେ ଦୁଇଟି ଜୋନର ଦୁଇଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ରରେ ଚଞ୍ଚକତା ମାଧ୍ୟମରେ ଅନିୟମିତତା କରି ନାକଚ କରିଦେଇଥିବା ବିଷୟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଲୋକମାନେ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅଟକ ରଖିଥିଲେ । ତେବେ ଉପରିସ୍ଥ ଅଫିସରଙ୍କ ହସ୍ତକ୍ଷେପ ପରେ ନିର୍ବାଚନ ଅଧିକାରୀ ଛାଡ ପାଇଥିଲେ। ଏ ବିଷୟରେ ଅଭିଯୋଗକାରୀ ୨ଜଣ ସେବା ସମବାୟ ନିର୍ବାଚନ ଅଧିକାରୀ ଓ ଜିଲା ଡିଆରସିଏସ୍‌ଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ୧୩ନମ୍ବର ଜୋନ ପାଇଁ ରାଜେନ୍ଦ୍ର ମଳିକ ନାମକ ବ୍ୟକ୍ତି ନାମାଙ୍କନପତ୍ର ଦାଖଲ କରିଥିଲେ । ନାମାଙ୍କନପତ୍ରରେ ତାଙ୍କର ସମର୍ଥକ ନିରାକାର ରାୟ ନିରାକାର ପଣ୍ଡା କରାଯାଇଥିବା ଓ ପ୍ରାର୍ଥୀଙ୍କ ସିରିୟଲ ନମ୍ବରକୁ ଜାଣିଶୁଣି ଓଭରରାଇଟିଂ କରି ଚଞ୍ଚକତା ମାଧ୍ୟମରେ ନିର୍ବାଚନ ଅଧିକାରୀ ସରୋଜ ପରିଛା ନାକଚ କରିଦେଇଛନ୍ତି। ସେହିପରି ୩ ନମ୍ବର ଜୋନରେ ପରେଶ ବେହେରା ନାମାଙ୍କନ ପତ୍ର ଦାଖଲ କରିଥିଲେ । ତେବେ ନିର୍ବାଚନ ଅଧିକାରୀ ପରିଛା ପ୍ରାର୍ଥୀଙ୍କ ସିରିୟଲ ନମ୍ବରକୁ ଓଭରରାଇଟିଂ କରି ଜାଣିଶୁଣି ନାକଚ କରିଦେଇଥିବା ବିଷୟରେ ପ୍ରାର୍ଥୀ ଓ ସମର୍ଥକମାନେ ଜାଣିବା ପରେ ନିର୍ବାଚନ ଅଧିକାରୀଙ୍କୁ ଅଟକ ରଖିଥିଲେ। ତେବେ ଏହି ସମସ୍ତଙ୍କର ନାମ ନିର୍ବାଚନ ଅଧିକାରୀଙ୍କ ସହିତ ସମିତି ସମ୍ପାଦକ ମିଳିତ ଭାବେ କରିଥିବା ଅଭିଯୋଗ ହେବା ପରେ କୋଅପରେଟିଭ ସୋସାଇଟିର ଉପରିସ୍ଥ ଅଧିକାରୀମାନେ ହସ୍ତକ୍ଷେପ କରିବା ପରେ ନିର୍ବାଚନ ଅଧିକାରୀଙ୍କୁ ଲୋକମାନେ ଛାଡିଥିଲେ। ତେବେ ଅଭିଯୋଗ ଅନୁଯାୟୀ ତଦନ୍ତ କରାଯାଇ ବିହିତ ପଦକ୍ଷେପ ନିଆଯିବ ବୋଲି ଡିଆରସିଏସ୍ (ଜିଲା ରେଜିଷ୍ଟର କୋ ଅପରେଟିଭି ସୋସାଇଟି) ସୀତାପତି କରୁଣାକର ମାଝି ପ୍ରକାଶ କରିଛନ୍ତି ।

# ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ରଜ ମହୋତ୍ସବ ଉଦ୍‌ଘାଟିତ

କେନ୍ଦୁଝର, ୧୧।୬(ଡି.ଏନ.ଏ.)

କେନ୍ଦୁଝରଠାରେ ସର୍ବ ଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ରଜମହୋତ୍ସବ କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଏହି ଅବସରରେ କେନ୍ଦୁଝର ଭଳି ହସ୍ତକଳାର ଜିଲାରେ ଏଭଳି ବାଣିଜ୍ୟମେଳା ଉତ୍ପାଦକ ଗୋଷ୍ଠୀକୁ ଉତ୍ସାହିତ କରିବ ବୋଲି ମୁଖ୍ୟଅତିଥି କହିଥିଲେ। ଏବଂ ଅଷ୍ଟମ ରଜ ମହୋତ୍ସବର ଆୟୋଜୋକଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। କେନ୍ଦୁଝରଗଡ ପୌରପାଳିକାର ଉପନଗରପାଳ ବରଦା ପ୍ରଶନ୍ନ ଦାଶ, ସାମାଜିକକର୍ମୀ ସେବତୀ ସିଂ, ଜିଲା ଓକିଲ ସଂଘର ପୂର୍ବତନ ସଭାପତି ତଥା ମହୋତ୍ସବ କମିଟିର ଉପଦେଷ୍ଟା ଆଶୀଷ ଚକ୍ରବର୍ତ୍ତୀ, ବରିଷ୍ଠ ସାମ୍ବାଦିକ ତଥା ମହୋତ୍ସବ କମିଟୀର ଅନ୍ୟତମ ଉପଦେଷ୍ଟା ଜ୍ଞାନ ରଞ୍ଜନ ମିଶ୍ର ପ୍ରମୁଖ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମହୋତ୍ସବ କମିଟିର ସଦସ୍ୟ ଦେବାଶିଷ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଅରୁପାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୋକ ସାହୁ ମେଳା ଆୟୋଜନର ଲକ୍ଷ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।


ପାଟଣା ବିଧାୟକ ଜଗନ୍ନାଥ ନାଏକ ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

# ବାଲିଘାଟରେ ଚଢ଼ାଉ, ଜେସିବି ସହ ୧୧ ଗାଡ଼ି ଜବତ

ଧର୍ମଶାଳା,୧୧।୬(ଡି.ଏନ୍.ଏ.)

ଧର୍ମଶାଳା ତହସିଲ ଅନ୍ତର୍ଗତ ଚଉଷଠିପଡ଼ା ବ୍ରାହ୍ମଣୀ ନଦୀର ମର୍ଜିତାପୁର ବାଲିଘାଟରେ ତହସିଲ ଓ ଜିଲା ସ୍ପେସାଲ ସ୍କ୍ୱାଡ୍ ପକ୍ଷରୁ ଶନିବାର ମିଳିତ ଚଢ଼ାଉ କରାଯାଇ ଏକ ଜେସିବି ମେଶିନ ସହ ୧୧ ଗାଡ଼ି ଜବତ କରାଯାଇଛି। ମର୍ଜିତାପୁର ଠାରେ ଥିବା ବାଲି ଘାଟରେ ଲିଜ ଅବଧି ଶେଷ ହୋଇଥିଲେ ମଧ ଇଜରାଦାରଙ୍କ ପକ୍ଷରୁ ସେଠାରେ ଉତ୍ତୋଳନ କରାଯାଉଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲାପାଳଙ୍କ ନର୍ଦ୍ଦେଶକ୍ରମେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି ଓ ସ୍ଥାନୀୟ ଅର୍‌ଆଇଙ୍କ ସମେତ ଜିଲା ସ୍ପେସାଲ ସ୍କ୍ୱାଡ୍ ସେଠାରେ ଚଢ଼ାଉ କରିଥିଲ। ଏହି ସମୟରେ ସେଠାରେ ବାଲି ବୋଝେଇ କରୁଥିବା ଏକ ଜଏସିବି ମେଶିନ ସହ ୮ଟି ହାଇୱା ଓ ୨ ଟ୍ରାକ୍ଟର ଜବତ କରାଯାଇଥିଲା। ଜବତ ଗାଡ଼ିଗୁଡ଼ିକୁ ଜେନାପୁର ପୋଲିସ ଜିମା ଦିଆଯାଇଛି। ଜରିମାନା ଆଦାୟ ପରେ ଗାଡ଼ିଗୁଡ଼ିକ ଛଡ଼ାଯିବ ବୋଲି ତହସିଲଦାର ଦାସ ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ଧର୍ମଶାଳା ତହସିଲ ଅଞ୍ଚଳରେ ବେଆଇନ ଭାବେ ଲିଜ୍ ପରିଧି ବାହାରୁ ବାଲି ଉତ୍ତୋଳନ କରାଯାଉଛି। ଫଳରେ ସରକାର ବ୍ୟାପକ ପରିମାଣର ରାଜସ୍ୱ ହରାଉଥିବା ବେଳେ ଲିଜଧାରୀ ଲାଭବାନ ହେଉଛନ୍ତି। ତେଣୁ ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।


ବାଲିଘାଟରେ ଚଢ଼ାଉ କରାଯାଉଛି।

